# ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଢେଙ୍କାନାଳ

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଢେଙ୍କାନାଳଙ୍କ ଅଧିନରେ ୩୧ଗୋଟି ପ୍ରାଣୀ ସହାୟକ (Attendant) ପଦବୀ ଚୁକ୍ତି ଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଅଛନ୍ତି । ତଦନୁଯାୟୀ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ନିମନ୍ତ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | ଅନୁସୂଚିତ ଜନଜାତି (ST) | ୦୭ | ୦୩ | ୧୦ |
| ୨ | ଅନୁସୂଚିତ ଜାତି (SC) | ୦୪ | ୦୨ | ୦୬ |
| ୩ | ଅଣସଂରକ୍ଷିତ (UR) | ୦୯ | ୦୫ | ୧୪ |
| ୪ | ଭିନ୍ନକ୍ଷମ | ୦୧ | ୦ | ୦୧ |
| ୫ | ଅବସର ପ୍ରାପ୍ତ ସୈନ୍ୟକର୍ମଚାରୀ | ୦ | ୦ | ୦ |
| ୬ | ଖେଳାଳୀ | ୦ | ୦ | ୦ |
| ୭ | ମୋଟ | ୨୧ | ୧୦ | ୩୧ |

ପ୍ରକାଶ ଥାଉକି କୌଣସି ବର୍ଗର ମହିଳା ପ୍ରାର୍ଥିନୀ ନମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ୱାରା ଉକ୍ତ ପଦବୀକୁ ପୂରଣ କରାଯିବ ।

ଚୁକ୍ତି ଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଯୋଗ୍ୟତା:-**

କ) ପ୍ରାର୍ଥୀ ଓ ପ୍ରାର୍ଥିନୀ ଓଡ଼ିଶା ସରକାରଙ୍କର ସ୍ୱିକୃତିପ୍ରାପ୍ତ କୌଣସି ଏକ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ।

ଖ) ଜାତୀୟ ଗୋମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧୀନସ୍ଥ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅନ୍ୟୁନ ୩ ବର୍ଷର ଅଭିଜ୍ଞତା ରହିଥିବ ।

ଗ) ଓଡ଼ିଆ ଭାଷା କହି, ପଢ଼ି ଓ ଲେଖିପରୁଥିବେ ।

ଘ) ଉତ୍ତମ ଚରିତ୍ରବାନ ହୋଇଥିବେ ।

ଙ) ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ୱାମି/ସ୍ତ୍ରୀ ନଥିବେ ।

ଚ)ଢେଙ୍କାନାଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

ବୟସ ସୀମା ପ୍ରାର୍ଥୀ/ପ୍ରାର୍ଥିନୀ ତା ୧.୧.୨୦୧୮ ସୁଦ୍ଧା ୧୮ ବର୍ଷରୁ କମ୍ ଓ ୩୨ବର୍ଷରୁ ଅଧିକ ହୋଇନଥିବେ । ସଂରକ୍ଷିତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କର ସର୍ବୋଚ୍ଚ ବୟସ ସୀମା ପାଂଚ ବର୍ଷ କୋହଳ କରାଯିବ । ଗୋମିତ୍ର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୧.୧.୨୦୧୮ ସୁଦ୍ଧା ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

**ଶାରିରୀକ ଯୋଗ୍ୟତା:**

କ) ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ସ୍ଥିତି ଓ ଉତ୍ତମ ସ୍ୱାସ୍ଥ୍ୟ ଥିବ ଓ କୌଣସି ଶାରିରୀକ ତୃଟି ନଥିବ ।

ଖ) ଉଚ୍ଚତା ୫ ଫୁଟରୁ କମ ହୋଇ ନଥିବ । ପୁରୁଷମାନଙ୍କ କ୍ଷେତ୍ରରେ ଅଣସଂପ୍ରସାରିତ ଛାତିର ଚଉଡ଼ା ୩୦ ଇଂଚ ହୋଇଥିବା ଆବଶ୍ୟକ । ମହିଳା ପ୍ରାର୍ଥୀନୀ ମାନଙ୍କର ଛାତିର ମାପ ନିଆଯିବ ନାହିଁ ।

ଗ) ପ୍ରାର୍ଥୀ/ପ୍ରାର୍ଥିନୀ ସାଇକେଲ ଚଳାଇପାରୁଥିବେ ।

**ଚୟନ ପ୍ରଣାଳୀ:-**

ଚୟନ ପ୍ରଣାଳୀରେ ମୋଟ ୧୦୦ ନମ୍ବର ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର କୃତ୍ରିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ ଯାହାକି NPCBB ଅଧିନରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ତିନି ବର୍ଷର ଅଭିଜ୍ଞତା ପାଇଁ ୩୦ ନମ୍ବର ଓ ତା ପରବର୍ତୀ ପ୍ରତି ଏକ ବର୍ଷର ଅଭିଜ୍ଞତା ପାଇଁ ଅଧିକ ୫ନମ୍ବର ଲେଖାଏଁ (ସର୍ବାଧିକ ସୀମା ୫୦) ପ୍ରଦାନ କରାଯିବ ।

ଅବଶିଷ୍ଟ ୫୦ ନମ୍ବର ପାଇଁ ଓଡ଼ିଆ ଭାଷାରେ ଲେଖି ପଢ଼ି ଜାଣିଥିବାର ଲିଖିତ ପରୀକ୍ଷା କରାଯିବ ।

ପ୍ରାର୍ଥୀ/ପ୍ରର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୬.୧୨.୨୦୧୮ ଅଟେ । ଉକ୍ତ ସମୟସୀମା ପରେ ପହଂଚିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀ/ପ୍ରର୍ଥିନୀ ବ୍ୟକ୍ତିଗତ ଭାବେ କିମ୍ବା ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ । ଲଫାପା ଉପରେ ଚୁକ୍ତି ଭିତିକ ପ୍ରାଣୀ ସହାୟକ ନିମନ୍ତେ ଦରଖାସ୍ତ ଲେଖାଯିବା ଆବଶ୍ୟକ ।

ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଢେଙ୍କାନାଳ